## ଅଟୋରୁ ଖସି ଛାତ୍ର ମୃତ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡା ବ୍ଲକ ଗୋଲିଆ ନିକଟରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ର ଶୁକ୍ରବାର ବିଦ୍ୟାଳୟରୁ ଘରକୁ ଫେରିବା ବେଳେ ବାଟରେ ଅଟୋରୁ ଖସି ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା କେନାଲ ସାହି ନିବାସୀ ରଘୁନାଥ ସେଠୀଙ୍କ ପୁତ୍ର ଯୁବରାଜ (୧୪)। ଶୁକ୍ରବାର ଅପରାହ୍ନରେ ଯୁବରାଜ ବିଦ୍ୟାଳୟରୁ ଏକ ଅଟୋ ଯୋଗେ ଘରକୁ ଫେରୁଥିଲେ। ଚଢ଼ିଆପଲ୍ଲୀ ଗାଁ ନିକଟସ୍ଥ ବାବୁଲ ବାଙ୍କ ରାସ୍ତାରେ ଖସି ପଡିବାରୁ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ସଂକ୍ଷେପରେ**

### ଋଣ ବିତରଣ ଶିବିର

ଆର.ଉଦୟଗିରି,୧୦।୧୨(ଡି.ଏନ.ଏ.)- ଆର.ଉଦୟଗିରି ବ୍ଲକ ପରିସରରେ ଓଡ଼ିଶା ଜୀବିକା ମିଶନ ତରଫରୁ ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ପାତ୍ର, ଏଲ୍‌ଡିଏମ୍ କିଶୋର ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ଜୀବିକା ମିଶନ ଡିପିଏମ୍ ପ୍ରିୟମ୍ବଦା ବିଷୋୟୀ, ସିଡିପିଓ ଅବିଦା ପରବିନ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୩୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ଓ ଅନ୍ୟାନ୍ୟ ଏନ୍‌ଆର୍‌ଇଟିପି, ରିଭୋଲିଙ୍ଗ ଫଣ୍ଡ, କମ୍ୟୁନିଟି ନର୍ସରି ଓ ଅର୍ଗାନିକ କ୍ଲଷ୍ଟର ଭଳି ବିଭିନ୍ନ ଫଣ୍ଡରୁ ମୋଟ ୧ କୋଟି ୫୧ ଲକ୍ଷ ୪୯ହଜାର ଟଙ୍କାର ବ୍ୟାଙ୍କ ଋଣ ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ ଭାରପ୍ରାପ୍ତ ଅଧିକାରୀ ରଜନୀକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨ ୱାର୍ଡର ଡ୍ରେନେଜ ସମସ୍ୟା ଦେଖିଲେ ଇଓ

ଛତ୍ରପୁର,୧୦।୧୨(ଡି.ଏନ୍.ଏ.)-ଛତ୍ରପୁର ଏନ୍‌ଏସିର ୧୨ ଓ ୧୩ ନମ୍ବର ୱାର୍ଡରେ ଡ୍ରେନେଜ ସମସ୍ୟା ଉପୁଜୁଛି। ଶୁକ୍ରବାର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁ ଡ୍ରେନେଜ ସମସ୍ୟା ହେଉଥିବା ଅଞ୍ଚଳ ବୁଲି ଦେଖିବା ସହ ତାହାର ସମାଧାନ ନିମନ୍ତେ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଦୁଇ ୱାର୍ଡର ଡ୍ରେନ୍‌ରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏହାର ପୁନରୁଦ୍ଧାର ସହ ଦୁଇଟି ନାଳକୁ ମିଶାଇ ଗୋଟିଏ ନାଳ କରିବାକୁ ଆଲୋଚନା ହୋଇଥିଲା। ଇଓଙ୍କ ପରିଦର୍ଶନ ବେଳେ ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଷଡଙ୍ଗୀ, ପୂର୍ବତନ କାଉନସିଲର ରାଜେଶ ସାହୁ, ପପୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଟ୍ରକ୍ ଦୁର୍ଘଟଣା, ବର୍ତ୍ତିଲେ ଡ୍ରାଇଭର

ଖଜୁରିପଡ଼ା/ବଲସକୁମ୍ପା,୧୦।୧୨ (ଡି.ଏନ.ଏ.)ଗାଡିଆପଡା ଘାଟିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାୟଗଡ଼ାଠାରୁ ସମ୍ବଲପୁରକୁ ଯାଉଥିବା ଟ୍ରକ (ନଂ ଓଡ଼ି ୦୪ଏଲ୍ (୯୩୫୫) ଭାରସାମ୍ୟ ହରାଇ ଗାଡିଆପଡା ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗାଡ଼ିରେ ଡ୍ରାଇଭର୍ ଅଜୟ କୁମାର ବଗର୍ତ୍ତି ସହ ଆଉ ଦୁଇ ଜଣ ବ୍ୟକ୍ତି। ଖବର ପାଇ ଖଜୁରିପଡ଼ା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି।

### ଶ୍ୟାମାକାଳୀଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

ବୁଗୁଡା,୧୦।୧୨(ଡି.ଏନ.ଏ.)-ବୁଗୁଡା ବ୍ଲକ ଗୋଲିଆ ଗ୍ରାମରେ ମା ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ସହ ବିଗ୍ରହ ସ୍ଥାପନ ଏବଂ ଚବିଶି ପ୍ରହର ନାମ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଉକ୍ତ ପଞ୍ଚଦିବସୀୟ ଉତ୍ସବର କାର୍ଯ୍ୟସୂଚୀ ପ୍ରକାରେ ଗତ ରବିବାର ଦିକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ, ସୋମବାର ଜଳଯାତ୍ରା, ବନଯୋଗ, ମଣ୍ଡଳକରଣ ଓ ନାମଯଜ୍ଞ ଅଧିବାସ, ବୁଧବାର କାଳୀ ମହାମାୟୀଙ୍କ ସ୍ନାନ, ଦେବୀଙ୍କ ଜୀବନ୍ୟାସ, ରତ୍ନମୁଦ ଏ ନାମଯଜ୍ଞ, ଗୁରୁବାର ମା' ଶ୍ୟାମାକାଳୀଙ୍କ ସିଂହାସନ ଆରୋହଣ, ଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି ଏବଂ ଶୁକ୍ରବାର ନାମଯଜ୍ଞ ସମାପନ, ନଗର କର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ, ଯମୁନା ସ୍ନାନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ପୁରୋହିତ ଗୋଦାବରୀଶ ହୋତା, ପ୍ରମୋଦ ହୋତା, ଶଶାଙ୍କ ଭୂଷଣ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ପରିଚାଳନାରେ ମାନସ ରଞ୍ଜନ ପ୍ରଧାନ, ଦଣ୍ଡପାଣି ସ୍ୱାଇଁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ଏନ୍‌ସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଭଞ୍ଜନଗର,୧୦।୧୨(ଡି.ଏନ.ଏ) ତିନି ସେନା ବାହିନୀର ମୁଖ୍ୟ ସିଡିଏସ୍ ବିପିନ୍ ରାୱତ ଏବଂ ତାଙ୍କ ସ୍ତ୍ରୀଙ୍କ ସମେତ ୧୩ ଜଣ ବୁଧବାର ହେଲିକେପ୍ଟର ଦୁର୍ଘଟଣାରେ ଶହୀଦ୍ ହୋଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଶାଖା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ କଲେଜ ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ, ପୂର୍ବତନ କଲେଜ ଅଧକ୍ଷ ଡ.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ,ଆଇନଜୀବୀ ଅଳକା ମଞ୍ଜରୀ ପଟ୍ଟନାୟକ, ପ୍ରାଧାପକ ଡ.ରବୀନ୍ଦ୍ର ନାଥ ପାଳ, ଅଧାପିକା ମନ୍ଦାକିନୀ ପଣ୍ଡା, ଅଧାପକ ପି.ସୁନାମ ପାତ୍ର, ଆମାଶ ପାଟମାଝୀ, ବୁଦ୍ଧେଶ୍ୱର ଗୋପାଳ ଗୋତ୍ର, ଛାତ୍ରୀଛାତ୍ରମାନେ ଯୋଗଦେଇ ଶହୀଦ୍‌ଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ ରଜନୀ କାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବିଧାନସଭାରେ ତାମ୍ପରା କଥା ଉଠାଇଲେ ଛତ୍ରପୁର ବିଧାୟକ

**ଛତ୍ରପୁର,୧୦।୧୨(ଡି.ଏନ୍.ଏ.)**

ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ଛତ୍ରପୁର ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୁମର ତାମ୍ପରା ପ୍ରସଙ୍ଗ ଉଠାଇଥିଲେ। ଏହି ହ୍ରଦର ପୁନଃରୁଦ୍ଧାର ପାଇଁ କ'ଣ ପ୍ରସ୍ତାବ ରହିଛି ସେ ନେଇ ସେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କଠାରୁ ଜାଣିବାକୁ ଚାହିଁଥିଲେ। ହୁମୁର ତାମ୍ପରା ହ୍ରଦ ପୋତି ହେବାରେ ଲାଗିଛି । ବିଭିନ୍ନ କାରଣ ଯୋଗୁ ଏହାର ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ଏହି ହ୍ରଦରେ ଥିବା ଚେକ ଡ୍ୟାମର ମରାମତି ଅଭାବରୁ ଅନବରତ ପାଣି ଲିଜ ହୋଇ ଋଷିକୁଲ୍ୟା ନଦୀକୁ ବହିଯାଉଛି । ତେଣୁ ଏହାର ପୁନଃରୁଦ୍ଧାର ଏବଂ ଚେକ ଡ୍ୟାମର ମରାମତି ପାଇଁ ବିଭାଗ ତରଫରୁ କଣ ପ୍ରସ୍ତାବ ରହିଛି ସେ ନେଇ ବିଧାୟକ ବେହେରା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି, ହୁମର ତାମ୍ପରା ହ୍ରଦର ପୁନଃରୁଦ୍ଧାର ନିମନ୍ତେ ଓଆଇଆଇପିସିଆରଏ ଯୋଜନା ମାଧ୍ୟମରେ ୧୩୪.୪୨ ଲକ୍ଷ ଟଙ୍କାର ରାଜିନାମା କରାଯାଇ କାର୍ଯ୍ୟ ଚାଲୁ ରହିଛି। ଏହି ରାଜିନାମାରେ ଉକ୍ତ ପ୍ରକଳ୍ପର ଜଳ ନିଷ୍କାସନ ନିୟନ୍ତ୍ରଣ ଫାଟକ ଏବଂ ଉଦବୃତ୍ତ ଜଳ ନିଷ୍କାସନ ପଥ ର ମରାମତି ବ୍ୟବସ୍ଥା ରଖାଯାଇଅଛି । ଏହି ହ୍ରଦରେ କୌଣସି ଚେକ ଡ୍ୟାମ କରାଯାଇନାହିଁ ବୋଲି ଜଳ ସମ୍ପଦ ମନ୍ତ୍ରୀ ଦାସ ଛତ୍ରପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ।

## ବିଡିଓଙ୍କୁ ରିଲିଭ ଦାବିରେ ରାସ୍ତାରୋକୋ

**ଫୁଲବାଣୀ ଅଫିସ,୧୦।୧୨**

ବଦଳି ଆଦେଶ ହୋଇଥିବା ବ୍ଲକ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କୁ ଶୀଘ୍ର ରିଲିଭ କରିବା ଦାବିରେ ଶୁକ୍ରବାର ତୁମୁଡିବନ୍ଧରେ ଜନତା ରାସ୍ତାରୋକୋ କରିଛନ୍ତି। ଶତାଧିକ ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ଆଗରେ ବିଡିଓଙ୍କ ବିରୋଧରେ ନାରା ଦେବା ସହ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ଦୀର୍ଘ ସମୟ ଧରି ତାଲା ପକାଇବାରୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତୁମୁଡିବନ୍ଧ ବିଡିଓ ରୀନା ପ୍ରଧାନଙ୍କର ଇତି ମଧ୍ୟରେ ଅନ୍ୟତ୍ର ବଦଳି ହେବା ସହ ଏହି ଆଦେଶକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି । ତୁମୁଡିବନ୍ଧ ତହସିଲଦାରଙ୍କୁ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ଆଦେଶକୁ ଦୁଇ



ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ ତାଲା ପକାଇ ଲୋକେ ଆନ୍ଦୋଳନ କରୁଛନ୍ତି।

ଦିନ ବିତିଥିଲେ ବି ବିଡିଓ ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିଲେ। ଏ ନେଇ ଶତାଧିକ ଲୋକ ବ୍ଲକ କାର୍ଯ୍ୟାଳୟ ଆଗରେ ଜମା ହୋଇ ତୁରନ୍ତ ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯିବା ପାଇଁ ଦାବି ରଖିଥିଲେ। ରାସ୍ତା ଅବରୋଧ ହେବାରୁ ବାଲିଗୁଡ଼ା–ମୁନିଗୁଡ଼ା ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ସେମାନେ ମାନି ନ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓ ତହସିଲଦାର ଏମ୍ ଅନୁରାଧାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହା ପରେ ରାସ୍ତାରୋକୋ ହଟିଥିଲା।

### ଟିକା ପାଇଁ ଆଶାକର୍ମୀଙ୍କୁ ମାଡ ଅଭିଯୋଗ

**ହିଞ୍ଜିଳିକାଟୁ,୧୦।୧୨(ଡି.ଏନ.ଏ.)**

କରୋନା ଟିକା ଦେବାକୁ ଘରକୁ ଘର ବୁଲି ସଚେତନ କରୁଥିବା ଜଣେ ଆଶା କର୍ମୀଙ୍କୁ ଦୁର୍ବ୍ୟବହାର ଓ ମାଡ ହୋଇଥିବା ଶୁକ୍ରବାର ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଆହତ ଆଶାକର୍ମୀ ହେଲେ କଞ୍ଚୁରୁ ପଞ୍ଚାୟତ କଣ୍ଟେଇ କୋଳି ଗ୍ରାମର ଝୁନୁ ସାହୁ। ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମରେ ଶୁକ୍ରବାର କୋଭିଡ୍ ଟିକା ଦିଆଯାଉଥିଲା। ଆଶାକର୍ମୀ ଝୁନୁ ଗ୍ରାମରେ ଘରକୁ ଘର ବୁଲି କୋଭିଡ୍ ଟିକା ଗ୍ରହଣ କରିନଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଡାକୁଥିଲେ। ସେହି ଗ୍ରାମ ବଡସାହିର ଗୋଟିଏ ଘରକୁ ଯାଇ ଟିକା ନେବା ପାଇଁ ଡାକିବାରୁ ଉକ୍ତ ଘରର ଜଣେ ବ୍ୟକ୍ତି ଝୁନୁଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଆହତ ଆଶାକର୍ମୀ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଏଆଇକେଏମ୍‌ଏସ୍‌ର ତହସିଲ ଘେରାଉ

**ଧରାକୋଟ,୧୦।୧୨(ଡି.ଏନ୍.ଏ.)**

ଅଖିଳ ଭାରତ କିଷାନ ମଜଦୁର ସଭା (ଏଆଇକେଏମ୍‌ଏସ୍) ତରଫରୁ ଚାଷୀମାନଙ୍କର ୭ ଦଫା ଦାବି ନେଇ ଧରାକୋଟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରାଯାଇଛି। ଏ ନେଇ ସ୍ଥାନୀୟ ତହସିଲଦାର, ବିଡିଓ ଓ ବ୍ଲକ କୃଷି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କିଷାନ ମଜଦୁର ସଭାର ବ୍ଲକ ସଭାପତି ଦୟାନିଧି ସେଠୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧରାକୋଟ ମେଡିକାଲଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ତୁରନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ରଖିଥିଲେ। ଏଥିରେ ଅଖିଳ ଭାରତ କିଷାନ ମଜଦୁର ସଭାର ରାଜ୍ୟ ମୁଖ




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପାତ୍ର ଭାଲ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲା କମିଟି ସଭ୍ୟ ପ୍ରତାପ ନାୟକ, କିଷାନ ମଜଦୁର ସଭାର ଜିଲା ସମ୍ପାଦକ ପୀତବାସ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ଚାଷୀ, ଭାଗଚାଷୀ ବିକ୍ଷୋଭରେ ଯୋଗଦେଇ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ନ ଦେଲେ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସରକାରୀ କଳକୁ ଅଚଳ କରିଦିଆଯିବ ବୋଲି ବ୍ଲକ ସଭାପତି ବିବୃତି ରଖିଛନ୍ତି। ଏହାସହ ଝାଡ଼ବନ୍ଧ ପଞ୍ଚାୟତର ସରପଞ୍ଚ ରିଲିତା କୁମାରୀ ସାହୁ ଓ ସରପଞ୍ଚ ପ୍ରତିନିଧି ଅନ୍ତର୍ଯ୍ୟାମୀ ପ୍ରଧାନ ତହସିଲଦାରଙ୍କୁ ଭେଟି କ୍ଷତିଗ୍ରସ୍ତ କୃଷକଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

## ୮ ବର୍ଷେ ହେଲା ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତା ଅନ୍ଧାର

**ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ସହରବାସୀ**

**ପୁରୁଷୋତ୍ତମପୁର,୧୦।୧୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଏନ୍‌ଏସିର ପୂର୍ତ୍ତ ବିଭାଗୀୟ ମୁଖ୍ୟ ରାସ୍ତା କୁମାରୀଠାରୁ ସ୍ୱପ୍ନେଶ୍ୱର ମନ୍ଦିର ଛକ ପର୍ଯ୍ୟନ୍ତ ୨.୫ କିମି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ପ୍ରାୟ ଏକ ବର୍ଷ ହେଲା ଶେଷ ହୋଇଛି। ହେଲେ ଏଥିରେ ବର୍ତ୍ତମାନ ସୁଦ୍ଧା ଷ୍ଟ୍ରିଟ ଲାଇଟ୍ ଲଗାଯାଇନାହିଁ। ନବନିର୍ମିତ ଏହି ଚାରି ଥାକିଆ ବିଶିଷ୍ଟ ରାସ୍ତା ମଝିରେ ଥିବା ଡିଭାଇଡରର ୮୭ ସ୍ଥାନରେ ଲାଇଟ୍ ଲଗାଇବା ଲାଗି ସ୍ଥାନ ଖୋଳାଯାଇଛି। ହେଲେ ସେଥି ମଧ୍ୟରେ ଏଯାବତ୍ ଲାଇଟ୍ ଲଗାଇବା ଲାଗି ଏନ୍‌ଏସି ପ୍ରଶାସନ କି ପୂର୍ତ୍ତ ବିଭାଗ କେହି ହେଲେ ପଦକ୍ଷେପ ନେଉନାହାନ୍ତି। ଫଳରେ ଏହି ରାସ୍ତାରେ ପ୍ରତ୍ୟହ ହଜାର ହଜାର ଗାଡ଼ି ମୋଟର ଚଳାଚଳ ହେଉଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟିବାରେ ଲାଗିଛି। ଏ ନେଇ ଜନସାଧାରଣ ଏନ୍‌ଏସି ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଜନ ଅସନ୍ତୋଷ ତୀବ୍ର ହୋଇଛି। ଏନ୍‌ଏସି ପ୍ରଶାସନ ଓ ପୂର୍ତ୍ତ ବିଭାଗର ନିଘା ନ ଥିବା ପ୍ରତିବାଦରେ ସହରବାସୀ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ୧୨ ତାରିଖରେ ତାରାତାରିଣୀ ଗସ୍ତ ବେଳେ ଭେଟି ଗୁହାରି ଜଣାଇବା ଲାଗି ନିଷ୍ପତ୍ତି ନେଇଛନ୍ତି।

### ମୋ କଲେଜ ଅଭିଯାନ ପ୍ରସ୍ତୁତି ବୈଠକ

**ଜି.ଉଦୟଗିରି,୧୦।୧୨(ଡି.ଏନ.ଏ.)**

ପୁରାତନ ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ଜାନୁୟାରୀ ୯ରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ଅଧାପକ ଡ.ନଳିନୀ କୁମାର ପାଣିଗ୍ରାହୀ, ଭେଙ୍କେଟ ରାଓପଟ୍ଟନାୟକଙ୍କ ସହିତ ପୁରାତନ ଛାତ୍ର ଉମା ସାମନ୍ତରାୟ, ଅରୁଣ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

### ଓଡ଼ିଶା ସମବାୟ କର୍ମଚାରୀ ମହାସଂଘର ଧାରଣା

ପାରଳାଖେମୁଣ୍ଡି,୧୦।୧୨(ଡି.ଏନ୍.ଏ.) ପାରଳାଖେମୁଣ୍ଡିସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ୫ ଦଫା ଦାବି ପୂରଣ ନେଇ ଓଡ଼ିଶା କର୍ମଚାରୀ ମହାସଂଘ ଜିଲା ସଂଘ ତରଫରୁ ଧାରଣା ଦିଆଯାଇଥିଲା। ଏମ୍ ଗିରିରାଜଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣା ଜିଲାରେ ଥିବା ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଲିଃ ଓ ଲ୍ୟାମ୍ପସର ସମ୍ପାଦକମାନେ ବସିଥିଲେ। ସେମାନଙ୍କ ସମସ୍ୟା ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତା'ର ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ଦାବି ମଧ୍ୟରେ ନିବନ୍ଧକ ସମବାୟ ବିଭାଗ, ଓଡ଼ିଶା ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା -୧୪୩୧୩/୩୦।୧୨୦୨୧ରେ ମୁଖ୍ୟ କାର୍ଯ୍ୟନିର୍ବାହୀ ନିଯୁକ୍ତି ପ୍ରସ୍ତାବକୁ ରଦ୍ଦ କରିବା, ରାଜ୍ୟରେ ଥିବା ସମସ୍ତ କୃଷି ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ୭ମ ବେତନ କମିଶନଙ୍କ ସୁପାରିସ ଅନୁସାରେ ସମସ୍ତ ବର୍ଗର କର୍ମଚାରୀଙ୍କ ଦରମା ଓ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରଦାନ, କରୋନାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ନିମନ୍ତେ ଅତି କମ୍‌ରେ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଓ ସମସ୍ତ କର୍ମଚାରୀଙ୍କ ସକାଶେ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରିବା ଆଦି ଦାବି ରହିଛି।

## ଫସଲ କ୍ଷତିପୂରଣ ପାଇଁ ଦାବିପତ୍ର

**ଗଞ୍ଜାମ,୧୦।୧୨(ଡି.ଏନ.ଏ.)**

ଗତ ଲଗାଣ ବର୍ଷାରେ ଗଞ୍ଜାମ ଅଞ୍ଚଳର ବିଭିନ୍ନ ଚାଷଜମିରେ ପାଣି ଜମି ଧାନ ଫସଲ ନଷ୍ଟ ହୋଇଯାଇଛି। ଗଞ୍ଜାମ ଏନ୍‌ଏସି ଯୁବ ବିଜେଡି ପକ୍ଷରୁ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିବାକୁ ଶୁକ୍ରବାର ତହସିଲଦାର ଅରୁଣ କୁମାର ନାୟକଙ୍କୁ ଏକ ଦାବିପତ୍ର ଦ୍ୱାରା ଅନୁରୋଧ କରାଯାଇଛି । ଏହି ଲଗାଣ ବର୍ଷା ଯୋଗୁ ପୁଇଁତୋଳା ଓ ଆଖପାଖ ଅଞ୍ଚଳର ପ୍ରାୟ ୫୦ ଏକର ଜମିରେ ବର୍ଷାଜଳ ଜମି ଫସଲ ପଚିବାକୁ ବସିଛି। ଦାବିପତ୍ର ପ୍ରଦାନ ସମୟରେ ଯୁବ ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ କାଉନ୍‌ସିଲର ଦଣ୍ଡପାଣି ପରିଡା, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ନଗର ସଭାପତି ପି. ରାଜୁ ରେଡ୍ଡୀ, ସୁରେନ୍ଦ୍ର ବାରିକି, ସୁଧୀର କୁମାର ପଲାଇ, ମଦନ ପାଢ଼ୀ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କାଶୀନଗରରେ ରାଜ୍ୟରାଣୀ ଏକ୍ସପ୍ରେସ ରହଣି ଦାବିକଲେ ଏମ୍‌ପି

**ପାରଳାଖେମୁଣ୍ଡି,୧୦।୧୨(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ରେଲୱେ ଷ୍ଟେଶନକୁ ଐତିହ୍ୟ ମାନ୍ୟତା ଦେବା ସହ ଏହାର ସୁରକ୍ଷା ଓ ଉନ୍ନତୀକରଣ ପାଇଁ ସଂସଦରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଦାବି ଉପସ୍ଥାପନ କରିଛନ୍ତି । ସେହିପରି ଏହି ରେଳ ଷ୍ଟେସନର ଉନ୍ନତି କରଣ ଦିଗଦରେ ମଧ୍ୟ ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି। ରାଜ୍ୟରାଣୀ ଏକ୍ସପ୍ରେସ କାଶୀନଗର ଏନ୍‌ଏସି ଦେଇ ଚଳାଚଳ କରୁଥିଲେ ମଧ୍ୟ କାଶୀନଗର ଷ୍ଟେଶନରେ ଏହାର ରହଣି ନ ଥିବାରୁ ଲୋକଙ୍କୁ ପାରଳାଖେମୁଣ୍ଡି କିମ୍ବା ଗୁଣପୁର ପ୍ରାୟ ୩୦ କି.ମି. ଯିବାକୁ ପଡୁଛି । ଯାତ୍ରୀଙ୍କ ଏହି ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟରାଣୀ ଟ୍ରେନକୁ କାଶୀନଗରରେ ରହଣି ପାଇଁ ଘୋଷଣା କରିବା ପାଇଁ ଏମ୍‌ପି ଦାବି କରିଛନ୍ତି। ସେହିପରି ଗଜପତି ଓ ଗଞ୍ଜାମ ଜିଲାରେ ଅତିରିକ୍ତ ୨ହଜାର ମୋବାଇଲ ଟାୱାର ସ୍ଥାପନ ପାଇଁ ମଧ୍ୟ ଏମ୍‌ପି ଦାବି ଜଣାଇଛନ୍ତି । ଏ ନେଇ ସେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀଙ୍କୁ ଏକ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ବ୍ରହ୍ମପୁର ଏମ୍‌ପି ଦର୍ଶାଇଛନ୍ତି ଯେ, ଦକ୍ଷିଣ ଓଡିଶା ତଥା ଗଜପତି ଓ ଗଞ୍ଜାମ ଜିଲାର ବହୁ ଉପାନ୍ତ ଓ ଦୁର୍ଗମ ଅଞ୍ଚଳ ରହିଛି । ଓଡିଶାର ୬,୨୭୮ ଗ୍ରାମବାସୀ ବର୍ତ୍ତମାନ ସୁଦ୍ଧା ମୋବାଇଲ କିମ୍ବା ଫୋନ ଯୋଗେ କୌଣସି ଯୋଗାଯୋଗ କରିପାରୁନାହାନ୍ତି । ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଘରୋଇ ବିଭାଗ ୪୮୮ ମୋବାଇଲ ଟାୱାର ନିର୍ମାଣ ପାଇଁ ମଞ୍ଜୁର କରିଛନ୍ତି, ଯାହାକି ପର୍ଯ୍ୟାପ୍ତ ନୁହେଁ। ଦକ୍ଷିଣାଞ୍ଚଳର ଗଜପତି–ଗଞ୍ଜାମ ଜିଲାରେ ଆହୁରି ୨ହଜାର ମୋବାଇଲ ଟାୱାର ସ୍ଥାପନ ପାଇଁ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବ୍ରହ୍ମପୁର ଏମ୍‌ପି ଅନୁରୋଧ କରିଛନ୍ତି ।

## କରଚୁଲିରେ ଜନ ଆରୋଗ୍ୟ ସମିତି ବୈଠକ

**ବୁଗୁଡ଼ା,୧୦।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ କରଚୁଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଜନ ଆରୋଗ୍ୟ ସମିତି ବୈଠକ ସମ୍ପୃକ୍ତ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ ଅଧ୍ୟକ୍ଷତା କରିଥିଲେ। ସମିତିର ସମ୍ପାଦକ ଡା. ଜଗଦୀଶ ପ୍ରସାଦ ମିଶ୍ର, ଡା. ପ୍ରୀତିଶ ରଞ୍ଜନ ସାହୁ, ଫାର୍ମାସିଷ୍ଟ ସୁଧୀନ ବେହେରା, କରଚୁଲି ମଠାଧୀଶ ସତ୍ୟାନନ୍ଦ ବ୍ରହ୍ମଚାରୀ, ବରିଷ୍ଠ ନାଗରିକ ରଘୁନାଥ ସାହୁ, ରଜନୀକାନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ଆଲଟିଆ ପ୍ରମୁଖ ଯୋଗଦେଇ କରଚୁଲି ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି, ସୌନ୍ଦର୍ଯ୍ୟକରଣ, ଜଳ ନିଷ୍କାସନ ବ୍ୟବସ୍ଥା ସହ ଶୌଚାଳୟ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟାର ତୁରନ୍ତ ସମାଧାନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ଯୁବ ସମାଜ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନ କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ସମାଜ ମଙ୍ଗଳ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କରଚୁଲି ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଗୁଡ଼ିକୁ ବୁଗୁଡ଼ା ବିଡିଓ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଡା. ପ୍ରୀତିଶ ରଞ୍ଜନ ସାହୁ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ



ମଞ୍ଚାସୀନ ଅତିଥି ।

**ଭଞ୍ଜନଗର,୧୦।୧୨(ଡି.ଏନ.ଏ)**

ଗତ ଅଗଷ୍ଟ ୧୫ରୁ ୨୦୨୨ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବର୍ଷ ତମାମ ବିଭିନ୍ନ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳିତ ହେବ। ଶୁକ୍ରବାର ଭଞ୍ଜନଗର ଶ୍ରୀଅରବିନ୍ଦ ପାଠଚକ୍ର ପକ୍ଷରୁ ଡିହପଡ଼ାଳ ହାଇସ୍କୁଲରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ଜୋନର ସଙ୍ଗଠକ ଲଲାଟେନ୍ଦୁ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କର୍ମକର୍ତ୍ତା ଲକ୍ଷ୍ମି ଚରଣ ଦାସ, ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ପ୍ରଧାନ ଶିକ୍ଷକ ଦିଲିପ କୁମାର ସ୍ୱାଇଁ, ବଡ଼କୋଦଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାପତି କୃତିବାସ ବିଶ୍ୱାଳ ସଭାକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଭଞ୍ଜନଗର ବ୍ଲକ ସଙ୍ଗଠକ ବାବୁଲା ପ୍ରଧାନ, ମାତୃପ୍ରେମୀ ରମେଶ ବେହେରା, ଶିକ୍ଷୟତ୍ରୀ ରଞ୍ଜୁଲତା ବେହେରା ସହଯୋଗ କରିଥିଲେ।

## ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବିକଲା କଂଗ୍ରେସ

**ଛତ୍ରପୁର,୧୦।୧୨(ଡି.ଏନ୍.ଏ.)**

ଲଘୁଚାପଜନୀତ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଛତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବୁଧବାର କଂଗ୍ରେସ ବରିଷ୍ଠ ନେତା ତଥା ରାଜ୍ୟ ଅନୁସୂଚିତ ଜାତି ସେଲ ସଂଯୋଜକ ଭାଗୀରଥୀ ବେହେରାଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଲଗାଣ ବର୍ଷାରେ ଫସଲ କ୍ଷତି ସହିଥିବା ଚାଷୀମାନଙ୍କୁ ଏକର ପିଛା ୨୫ ହଜାର ଟଙ୍କା ସହାୟତା, ଭାଗଚାଷୀ ଓ ଚାଷୀମାନଙ୍କ କୃଷି ଋଣ ଛାଡ ଓ ଆଗାମୀ ରବି ଫସଲ ପାଇଁ କୃଷକମାନଙ୍କୁ ସହାୟତା ପ୍ରଦାନ ଆଦି ଦାବି ଉଲ୍ଲେଖ କରାଯାଇଛି। ଗଞ୍ଜାମ ବ୍ଲକ ସଭାପତି ଏନ . ଗଣେଶ ରେଡ୍ଡୀ, ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ୍ୟ ସଂଗଠନର ଗଞ୍ଜାମ ଜିଲା ପ୍ରଭାରୀ ବିସ୍ମୟ ମହାପାତ୍ର, ରାଜୀବ ଗାନ୍ଧୀ ପଞ୍ଚାୟତ ଛତ୍ରପୁର ବ୍ଲକ ସଭାପତି ଟି. କ୍ରିଷ୍ଣା ରେଡ୍ଡୀ, ଗଞ୍ଜାମ ନଗର ସଭାପତି ବୁଲୁ ରେଡ୍ଡୀ, ସମ୍ପାଦକ ଟୁନା ଶତପଥୀ, ଆଇନଜୀବୀ ବାବୁ ନାହକ, ଯୁବନେତା ଏନ. କୁନା ରେଡ୍ଡୀ, ଭବାନୀ ବେହେରା, ଛାତ୍ର ନେତା ମହେଶ କୁମାର ଗୌଡ଼, ଛାତ୍ର କଂଗ୍ରେସ ଜିଲା ସମ୍ପାଦକ ଚକ୍ରପାଣି ପଲାଇ, ମୁନା ଦାସ, ପର୍ଶୁରାମ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ନେତାମାନେ।

## ବାଲ୍ୟବିବାହ ରୋକିଲା ପ୍ରଶାସନ

**ଗୋଷାଣୀ,୧୦।୧୨**

ଗୋଷାଣୀ ବ୍ଲକର କଇଠଡ଼ା ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ଶୁକ୍ରବାର ଜିଲା ପ୍ରଶାସନ ବନ୍ଦ କରିଛି। ଉକ୍ତ ଗ୍ରାମରେ ଆଗକୁ ଏକ ବାଲ୍ୟ ବିବାହ ହେବା ପାଇଁ ସ୍ଥିତ ହୋଇଥିଲା। ଗୋଷାଣୀ ବାଲ୍ୟବିବାହ ନିଷେଧ ଅଧିକାରିଣୀ ଗୌରୀ କୁମାରୀ ନାୟକ ଏହା ଜାଣି ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରିଥିଲେ। ପରେ ବାଲ୍ୟ ବିବାହକୁ ରୋକିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍‌ରେ ଶିଶୁ କଲ୍ୟାଣ ସମିତିର ଅଧକ୍ଷ ପ୍ରମୋଦ କୁମାର ରାଉଳ, ଆଇସିଡିଏସ ସୁପରଭାଇଜର୍ ନାଗୁ ରତ୍ନମ୍, ଗୁରାଣ୍ଡି ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ରଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟ, ସଖୀ ୱାନ ଷ୍ଟପ୍ ସେଣ୍ଟରର ପରିଚାଳିକା ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ବାଲ୍ୟ ବିବାହକୁ ସ୍ଥଗିତ କରିଥିଲେ। ଟାସ୍କଫୋର୍ସ ଦ୍ୱାରା ଝିଅକୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଯାଇଥିଲା। ଝିଅକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ଯାଏ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ଦ୍ୱାରା ନିୟମିତ ପରାମର୍ଶ ଦେବା ସହ ଆବଶ୍ୟକ ଥଇଥାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ସିନିୟର ସିଭିଲ ଜଜ୍ କୋର୍ଟ ଖୋଲିବାକୁ ସ୍ମାରକପତ୍ର

**ଜି.ଉଦୟଗିରି,୧୦।୧୨(ଡି.ଏନ.ଏ.)**

ଜି.ଉଦୟଗିରି ପୁରୁଣା ତାଲୁକା ଯଥା ବର୍ତ୍ତମାନର ଚକାପାଦ, ଟିକାବାଲି, ଜି. ଉଦୟଗିରି, ରାଇକିଆ ତହସିଲର ଦୁର୍ଗମ ଅଞ୍ଚଳ, ଆର୍ଥିକ ଅନଗ୍ରସର, ଆଦିବାସୀ ଅଧ୍ୟୁଷିତ ଲୋକଙ୍କ ସୁବିଧା ପାଇଁ ବହୁ ବର୍ଷ ହେଲା ସିନିୟର ସିଭିଲ ଜଜ୍ କୋର୍ଟ ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ଖୋଲିବା ପାଇଁ ଦାବି ହୋଇ ଆସୁଛି। କାରଣ ଏହି କୋର୍ଟ କ୍ଷମତା ପରିସରରେ ଥିବା କେସ୍‌ଗୁଡିକର ବିଚାର ପାଇଁ ଆର୍ଥିକ ଅନଗ୍ରସର ଲୋକଙ୍କୁ ଦୁର୍ଗମ ଅଞ୍ଚଳରୁ ଶହ ଶହ କିମି ଦୂରରୁ ବାଲିଗୁଡ଼ା ଯିବାକୁ ପଡିଥାଏ। ଯାହା ଅଧିକ ବ୍ୟୟ ବହୁଳ, ସମୟ ସାପେକ୍ଷ ସହିତ କଷ୍ଟ ଦାୟକ ହୋଇଥାଏ। ଏହି ସବୁ ସମସ୍ୟାର ସମାଧାନ ପାଇଁ ଜି.ଉଦୟଗିରିରେ ସିନିୟର ସିଭିଲ ଜଜ୍ କୋର୍ଟ ଖୋଲିବା ପାଇଁ ଜି.ଉଦୟଗିରି ବାର ଆସୋସିଏସନ ତରଫରୁ ସଭାପତି ଦୀପକ ଭରଦ୍ୱାଜଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

